Daily Sakala 30.05.2021

# 'ସାହିତ୍ୟ ଓ ସଙ୍ଗୀତର ମଧୁର ସମନ୍ୱୟ ଥିଲେ ପଣ୍ଡିତ ନୀଳମାଧବ'




କଟକ,୨୯।୫ (ସମିସ)

ସାହିତ୍ୟ ଓ ସଂଗୀତର ମଧୁର ସମନ୍ୱୟ ଥିଲେ ପଣ୍ଡିତ ନୀଳମାଧବ ପାଣିଗ୍ରାହୀ। ଓଡ଼ିଆ ସଂସ୍କୃତି ଓ ପରମ୍ପରାର ବିକାଶ ପାଇଁ ସେ ସାହିତ୍ୟକୁ ଏକ ବଳିଷ୍ଠ ମାଧ୍ୟମ ରୂପେ ଗ୍ରହଣ କରିଥିଲେ। ସାରସ୍ୱତ ସର୍ଜନା କ୍ଷେତ୍ର ଭାବରେ କବିତାକୁ ସେ ଗ୍ରହଣ କରିଥିଲେ ହେଁ ଗଦ୍ୟ ସାହିତ୍ୟର ସମୃଦ୍ଧିରେ ତାଙ୍କ ଅବଦାନ ଅନନ୍ୟ ବୋଲି ପଣ୍ଡିତ ନୀଳମାଧବଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଆୟୋଜିତ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ବିଶିଷ୍ଟ ସାରସ୍ୱତ ସାଧକ ଡକ୍ଟର ନୀଳମାଧବ ପାଣିଗ୍ରାହୀଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଏକ ଆଲୋଚନାଚକ୍ର ୱେବିନାର ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ଦ୍ୱାରିକାନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ ପ୍ରାକ୍ତନ କୁଳପତି ଧ୍ରୁବରାଜ ନାୟକ ଉଦଘାଟନ କରି କହିଲେ ଯେ, ନୀଳମାଧବ ପାଣିଗ୍ରାହୀ ଥିଲେ ଜଣେ ପ୍ରଭାବଶାଳୀ ସାହିତ୍ୟ ସାଧକ। ତାଙ୍କ ପ୍ରବୃତ୍ତି ଥିଲା ସାହିତ୍ୟ ଓ ସଂଗୀତ ସାଧନା। ଡ. ଶ୍ୟାମସୁନ୍ଦର ଧର, ଡ. ବୀଣାପାଣି ପ୍ରଧାନ, ଲକ୍ଷ୍ମୀନାରାୟଣ ହୋତା ଓ ଡ. ଶ୍ୟାମ ଭୋଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ନୀଳମାଧବଙ୍କ ପ୍ରତିଭାର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଓଡ଼ିଆ ଉପଦେଷ୍ଟାମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ। ସାହିତ୍ୟ ଏକାଡେମୀ ପୂର୍ବାଞ୍ଚଳ ଶାଖା କୋଲକତାର ଆଞ୍ଚଳିକ ସଚିବ ଡକ୍ଟର ଦେବେନ୍ଦ୍ର କୁମାର ଦେବେଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ପଣ୍ଡିତ ନୀଳମାଧବ ପାଣିଗ୍ରାହୀ ଜନ୍ମ ଶତବାର୍ଷିକୀ



ସମ୍ବଲପୁର, ୨୮।୫(ଇମିସ): ପଣ୍ଡିତ ନୀଳମାଧବ ପାଣିଗ୍ରାହୀଙ୍କ ଥିଲା ସାହିତ୍ୟ ଓ ସଂଗୀତର ଅପୂର୍ବ ସମନ୍ୱୟ। ଭାଷା, ସଂସ୍କୃତି ଓ ପରଂପରାର ବିକାଶ ପାଇଁ ସେ ସାହିତ୍ୟକୁ ଏକ ବଳିଷ୍ଠ ମାଧ୍ୟମ ରୂପେ ଗ୍ରହଣ କରିଥିଲେ। ବହୁମୁଖୀ ପ୍ରତିଭାର ଅଧିକାରୀ ନୀଳମାଧବଙ୍କ ଠାରେ ଜାତୀୟତାବୋଧ ସାଙ୍ଗକୁ ମା’ ମାଟିକୁ ନେଇ ସେ ଥିଲେ ଖୁବ୍ ସ୍ୱାଭିମାନୀ। ସାରସ୍ୱତ ସର୍ଜନା କ୍ଷେତ୍ର ଭାବରେ କବିତାକୁ ସେ ଗ୍ରହଣ କରିଥିଲେ ହେଁ ଗଦ୍ୟ ସାହିତ୍ୟର ସମୃଦ୍ଧିରେ ତାଙ୍କର ଅବଦାନ ଅନନ୍ୟ ବୋଲି ପଣ୍ଡିତ ନୀଳମାଧବ ପାଣିଗ୍ରାହୀଙ୍କ ଜନ୍ମଶତବାର୍ଷିକୀ ଉପଲକ୍ଷେ ଆୟୋଜିତ ଆଲୋଚନା ଚକ୍ରରେ ମତପ୍ରକାଶ ପାଇଛି।

ଆଜି କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ବିଶିଷ୍ଟ ସାରସ୍ୱତ ସାଧକ ଡକ୍ଟର ନୀଳମାଧବ ପାଣିଗ୍ରାହୀଙ୍କ ଜନ୍ମଶତବାର୍ଷିକୀ ଉପଲକ୍ଷେ ଏକ ଆଲୋଚନା ଚକ୍ର ୱେବିନାର ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ଡ. ଦ୍ୱାରିକାନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଧ୍ରୁବରାଜ ନାୟକ ଉଦ୍‌ଘାଟନ କରି କହିଲେ ଯେ, ନୀଳମାଧବ ପାଣିଗ୍ରାହୀ ଥିଲେ ଜଣେ ପ୍ରଭାବଶାଳୀ ସାହିତ୍ୟ ସାଧକ। ତାଙ୍କ ପ୍ରବୃତ୍ତି ଥିଲା ସାହିତ୍ୟ ଓ ସଂଗୀତ ସାଧନା। ଏହି ଆଲୋଚନା ଚକ୍ରରେ ଡକ୍ଟର ଶ୍ୟାମସୁନ୍ଦର ଧର ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଡକ୍ଟର ବୀଣାପାଣି ପ୍ରଧାନ, ଲକ୍ଷ୍ମୀନାରାୟଣ ହୋତା ଓ ଡକ୍ଟର ଶ୍ୟାମ ଭୋଇ ଆଲୋଚନାରେ ଅଂଶଗ୍ରହଣ କରି ନୀଳମାଧବଙ୍କ ପ୍ରତିଭାର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ ଓ ସାହିତ୍ୟ ଅକାଦେମି ପୂର୍ବାଞ୍ଚଳ ଶାଖା କୋଲକାତାର ଆଞ୍ଚଳିକ ସଚିବ ଡକ୍ଟର ଦେବେନ୍ଦ୍ର କୁମାର ଦେବେଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

Sambad 29.05.202

Daily Sambad 29.05.2021

# କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ପଣ୍ଡିତ ନୀଳମାଧବ ପାଣିଗ୍ରାହୀ ଜନ୍ମଶତବାର୍ଷିକୀ

କଟକ,୨୮/୫(ଇମିସ): ସାହିତ୍ୟ ଓ ସଂଗୀତର ମଧୁର ସମନ୍ୱୟ ଥିଲେ ପଣ୍ଡିତନୀଳମାଧବ ପାଣିଗ୍ରାହୀ। ଓଡ଼ିଆ ସଂସ୍କୃତି ଓ ପରଂପରାର ବିକାଶ ପାଇଁ ସେ ସାହିତ୍ୟକୁ ଏକ ବଳିଷ୍ଠ ମାଧ୍ୟମ ରୂପେ ଗ୍ରହଣକରିଥିଲେ। ନୀଳମାଧବ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ସାରସ୍ୱତ ସର୍ଜନା କ୍ଷେତ୍ର ଭାବରେ କବିତାକୁ ସେ ଗ୍ରହଣ କରିଥିଲେ ହେଁ ଗଦ୍ୟ ସାହିତ୍ୟରସମୃଦ୍ଧିରେତାଙ୍କରଅବଦାନଅନନ୍ୟବୋଲିପଣ୍ଡିତ ନୀଳମାଧବ ପାଣିଗ୍ରାହୀଙ୍କ ଜନ୍ମଶତବାର୍ଷିକୀ ଉପଲକ୍ଷେ ଆୟୋଜିତ ଆଲୋଚନା ଚକ୍ରରେ ମତପ୍ରକାଶ ପାଇଛି। ଆଜି କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ବିଶିଷ୍ଟ ସାରସ୍ୱତ ସାଧକ ଡକ୍ଟର ନୀଳମାଧବ ପାଣିଗ୍ରାହୀଙ୍କ ଜନ୍ମଶତବାର୍ଷିକୀ ଉପଲକ୍ଷେ ଏକ ଆଲୋଚନା ଚକ୍ର ୱେବିନାର ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ଦ୍ୱାରିକା ନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରକୁ ପ୍ରାକ୍ତନ କୁଳପତି ଧ୍ରୁବରାଜ ନାୟକ ଉଦ୍‌ଘାଟନକରି କହିଲେ ଯେ, ନୀଳମାଧବ ପାଣିଗ୍ରାହୀ ଥିଲେ ଜଣେ ପ୍ରଭାବଶାଳୀ ସାହିତ୍ୟ ସାଧକ। ତାଙ୍କ ପ୍ରବୃତ୍ତି ଥିଲା ସାହିତ୍ୟ ଓ ସଂଗୀତ ସାଧନା। ଏହି ଆଲୋଚନା ଚକ୍ରରେ ଡକ୍ଟର ଶ୍ୟାମସୁନ୍ଦର ଧର ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଡକ୍ଟର ବୀଣାପାଣି ପ୍ରଧାନ, ଲକ୍ଷ୍ମୀନାରାୟଣ ହୋତା ଓ ଡକ୍ଟର ଶ୍ୟାମ ଭୋଇ ଆଲୋଚନାରେ ଅଂଶଗ୍ରହଣ କରି ନୀଳମାଧବଙ୍କ ପ୍ରତିଭାର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ ଓ ସାହିତ୍ୟ ଅକାଦେମି ପୂର୍ବାଞ୍ଚଳ ଶାଖା କୋଲକାତାର ଆଞ୍ଚଳିକ ସଚିବ ଡକ୍ଟର ଦେବେନ୍ଦ୍ର କୁମାର ଦେବେଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

Daily Prameya 29.05.2021

# କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ପଣ୍ଡିତ ନୀଳମାଧବ ପାଣିଗ୍ରାହୀ ଜନ୍ମଶତବାର୍ଷିକୀ

କଟକ,୨୮।୫(ବ୍ୟୁରୋ): ସାହିତ୍ୟ ଓ ସଂଗୀତର ମଧୁର ସମନ୍ୱୟ ଥିଲେ ପଣ୍ଡିତ ନୀଳମାଧବ ପାଣିଗ୍ରାହୀ। ଓଡ଼ିଆ ସଂସ୍କୃତି ଓ ପରଂପରାର ବିକାଶ ପାଇଁ ସେ ସାହିତ୍ୟକୁ ଏକ ବଳିଷ୍ଠ ମାଧ୍ୟମ ରୂପେ ଗ୍ରହଣକରିଥିଲେ। ନୀଳମାଧବ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ସାରସ୍ୱତ ସର୍ଜନା କ୍ଷେତ୍ର ଭାବରେ କବିତାକୁ ସେ ଗ୍ରହଣ କରିଥିଲେ ହେଁ ଗଦ୍ୟ ସାହିତ୍ୟର ସମୃଦ୍ଧିରେ ତାଙ୍କର ଅବଦାନ ଅନନ୍ୟ ବୋଲି ପଣ୍ଡିତ ନୀଳମାଧବ ପାଣିଗ୍ରାହୀଙ୍କ ଜନ୍ମଶତବାର୍ଷିକୀ ଉପଲକ୍ଷେ ଆୟୋଜିତ ଆଲୋଚନା ଚକ୍ରରେ ମତପ୍ରକାଶ ପାଇଛି। ଶୁକ୍ରବାର କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ବିଶିଷ୍ଟ ସାରସ୍ୱତ ସାଧକ ଡକ୍ଟର ନୀଳମାଧବ ପାଣିଗ୍ରାହୀଙ୍କ ଜନ୍ମଶତବାର୍ଷିକୀ ଉପଲକ୍ଷେ ଏକ ଆଲୋଚନା ଚକ୍ର ୱେବିନାର ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ଦ୍ୱାରିକାନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ ପ୍ରାକ୍ତନ କୁଳପତି ଧ୍ରୁବରାଜ ନାୟକ ଉଦ୍‌ଘାଟନକରି କହିଲେ ଯେ, ନୀଳମାଧବ ପାଣିଗ୍ରାହୀ ଥିଲେ ଜଣେ ପ୍ରଭାବଶାଳୀ ସାହିତ୍ୟ ସାଧକ। ତାଙ୍କ ପ୍ରବୃତ୍ତି ଥିଲା ସାହିତ୍ୟ ଓ ସଂଗୀତ ସାଧନା। ଏହି ଆଲୋଚନା ଚକ୍ରରେ ଡକ୍ଟର ଶ୍ୟାମସୁନ୍ଦର ଧର ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଡକ୍ଟର ବୀଣାପାଣି ପ୍ରଧାନ, ଲକ୍ଷ୍ମୀନାରାୟଣ ହୋତା ଓ ଡକ୍ଟର ଶ୍ୟାମ ଭୋଇ ଆଲୋଚନାରେ ଅଂଶଗ୍ରହଣ କରି ନୀଳମାଧବଙ୍କ ପ୍ରତିଭାର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ ଓ ସାହିତ୍ୟ ଏକାଡେମୀ ପୂର୍ବାଞ୍ଚଳ ଶାଖା କୋଲକାତାର ଆଞ୍ଚଳିକ ସଚିବ ଡକ୍ଟର ଦେବେନ୍ଦ୍ର କୁମାର ଦେବେଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

Daily Samaj 30.05. 2021

# ନୀଳମାଧବ ପାଣିଗ୍ରାହୀ ଶତବାର୍ଷିକୀ ଆଲୋଚନାଚକ୍ର

ସମ୍ବଲପୁର,୨୮।୫(ସହର): କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ପଣ୍ଡିତ ନୀଳମାଧବ ପାଣିଗ୍ରାହୀ ଜନ୍ମଶତବାର୍ଷିକୀ ଉପଲକ୍ଷେ ଶୁକ୍ରବାର ଆଭାସି ଢଙ୍ଗରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ସାହିତ୍ୟ ଓ ସଙ୍ଗୀତର ମଧୁର ସମନ୍ୱୟ ଥିଲେ ପଣ୍ଡିତ ନୀଳମାଧବ ପାଣିଗ୍ରାହୀ। ଓଡ଼ିଆ ସଂସ୍କୃତି ଓ ପରମ୍ପରାର ବିକାଶ ପାଇଁ ସେ ସାହିତ୍ୟକୁ ଏକ ବଳିଷ୍ଠ ମାଧ୍ୟମ ରୂପେ ଗ୍ରହଣ କରିଥିଲେ। ବହୁମୁଖୀ ପ୍ରତିଭାର ଅଧିକାରୀ ନୀଳମାଧବ ସାରସ୍ୱତ ସର୍ଜନା କ୍ଷେତ୍ର ଭାବରେ କବିତାକୁ ଗ୍ରହଣ କରିଥିଲେ ହେଁ ଗଦ୍ୟ ସାହିତ୍ୟର ସମୃଦ୍ଧିରେ ତାଙ୍କ ଅବଦାନ ଅନନ୍ୟ ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି। ବିଶିଷ୍ଟ ସାହିତ୍ୟିକ ଡ. ଦ୍ୱାରିକା ନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଧ୍ରୁବରାଜ ନାୟକ ଉଦ୍‌ଘାଟନ କରିଥିବାବେଳେ ଡ. ଶ୍ୟାମସୁନ୍ଦର ଧର ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଡକ୍ଟର ବୀଣାପାଣି ପ୍ରଧାନ, ଲକ୍ଷ୍ମୀନାରାୟଣ ହୋତା ଓ ଡ. ଶ୍ୟାମ ଭୋଇ ଆଲୋଚନାରେ ଅଂଶଗ୍ରହଣ କରି ନୀଳମାଧବଙ୍କ ପ୍ରତିଭାର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ପ୍ରାରମ୍ଭିକ ସୂଚନା ପ୍ରଦାନ ଏବଂ ସାହିତ୍ୟ ଅକାଦେମି ପୂର୍ବାଞ୍ଚଳ ଶାଖା କୋଲକାତାର ଆଞ୍ଚଳିକ ସଚିବ ଡ. ଦେବେନ୍ଦ୍ର କୁମାର ଦେବେଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଆଲୋଚନାଚକ୍ରରେ ଅନ୍‌ଲାଇନରେ ବହୁ ସାହିତ୍ୟିକ, ଗବେଷକ ତଥା ସାହିତ୍ୟପ୍ରେମୀ ଜନସାଧାରଣ ଯୋଗ ଦେଇଥିଲେ।